# ଅଣପଞ୍ଜୀକୃତ ଶ୍ରମିକଙ୍କୁ ନେଇ ଆଶଙ୍କା

- **ତାଲାବନ୍ଦ ଅବଧି ଶେଷ ପରେ ଫେରିବେ ବହୁ ଯୁବକ**
- **ସ୍ଥାନୀୟ ପ୍ରଶାସନ ପାଇଁ ବଡ ଆହ୍ୱାନ**

ବଲାଙ୍ଗିର,୧୭।୪(ଅଫିସ୍): ବଲାଙ୍ଗିର ଜିଲା ଟିଟିଲାଗଡ କୁସୁଂଡ ଗାଁ। ଏହି ଗାଁର ୨୦ ଜଣ ଯୁବକ ଗତ ମାର୍ଚ୍ଚ ୨୦ ତାରିଖରେ କପଡ଼ା କାରଖାନାରେ କାମ କରିବାକୁ ଯାଇଥିଲେ ତାମିଲନାଡୁର ତିରୁପୁର ଜିଲାକୁ; କିନ୍ତୁ ମାର୍ଚ୍ଚ ୨୧ରେ ଜନତା କର୍ଫ୍ୟୁ ଓ ପର ଦିନ ତାଲାବନ୍ଦ ଘୋଷଣା ହେଲା। ସେମାନେ କାମ ତ ପାଇଲେନି। ତାଲାବନ୍ଦ ଯୋଗୁଁ ଘରକୁ ବି ଫେରିପାରିଲେନି। ଖର୍ଚ୍ଚ ପାଇଁ ଘରୁ ନେଇଥିବା ଟଙ୍କାରେ କିଛି ଦିନ ଚଳିବା ପରେ ଅସହାୟ ଅବସ୍ଥାରେ ରହୁଛନ୍ତି। କେବଳ କୁସୁଂଡର ଏହି ଯୁବକମାନେ ନୁହନ୍ତି, ବଲାଙ୍ଗିର ଜିଲା ତୁରେକେଲାର ଗଣେଶ ଲୁହାର ମହାରାଷ୍ଟ୍ର ଚେମ୍ବୁର(କରୋନା ପାଇଁ ରେଡ ଜୋନ୍ ଘୋଷିତ)ର ଏକ କନଷ୍ଟ୍ରକସନ୍ କମ୍ପାନୀରେ କାମ କରୁଥିଲେ। ବଲାଙ୍ଗିର ଜିଲା ସହ ବରଗଡ, କଳାହାଣ୍ଡି, ନୂଆପଡ଼ା ଜିଲାର ଯୁବକମାନେ ବି ଏଠାରେ କାମ କରନ୍ତି। ମାର୍ଚ୍ଚ ମାସ ଅଧାରୁ କାମ ବନ୍ଦ ହୋଇଗଲା। ମାସ ଶେଷ ହୋଇଥିଲେ ଦରମା ପାଇଥାନ୍ତେ। ଅଧାରୁ କାମ ବନ୍ଦ ହେବା ପରେ ଦରମା ବି ମିଳିଲାନି। ସ୍ଥାନୀୟ ଠିକାଦାରଙ୍କୁ ଯୋଗାଯୋଗ କଲେ ବି ମିଳିଲାନି ସହାୟତା। ଦାଦନ ଶ୍ରମିକ ଓ ଶିଶୁ ଚାଲାଣ ଉପରେ କାମ କରୁଥିବା ଏଡ୍ ଇଟ୍ ଏକ୍ସନ ସ୍ୱେଚ୍ଛାସେବୀ ସଂସ୍ଥା ଜରିଆରେ ସେମାନଙ୍କୁ ସହାୟତା ଦେବାକୁ ମହାରାଷ୍ଟ୍ର ସରକାରଙ୍କୁ ଅନୁରୋଧ କରାଗଲା। ପ୍ରାୟ ୫୨ଜଣ ସେଠାରେ ଗୃହ ବନ୍ଦୀ ହୋଇ ରହିଥିବାବେଳେ ସେମାନଙ୍କୁ ମିଳିଥିଲା କମ୍ ପରିମାଣର ଖାଇବା। ତେବେ ସେଠାରେ ଥିବା ପ୍ରବାସୀ ପଶ୍ଚିମ ଓଡ଼ିଶା ସଂଘକୁ ସ୍ୱେଚ୍ଛାସେବୀ ସଂସ୍ଥା ଯୋଗାଯୋଗ କରି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇବାର ଉଦ୍ୟମ କଲେ ଓ ସଫଳ ହେଲେ। ତେଲଙ୍ଗାନା ରାଜ୍ୟକୁ ଇଟା ଗଢ଼ିବାକୁ ଯାଇଥାନ୍ତି। ସରକାରୀ ଶ୍ରମିକ ପଞ୍ଜୀକରଣ ତୁଳନାରେ ଦାଦନ ଶ୍ରମିକ ଚାଲାଣ ସଂଖ୍ୟା ଏହି ଜିଲାରେ ଢେର ଅଧିକ। ସେହିପରି କଳାହାଣ୍ଡି, ନୂଆପଡ଼ା ଜିଲାରୁ ବହୁ ଲୋକ ଇଟା ଗଢିବାକୁ ରାଜ୍ୟ ବାହାରକୁ ଯାଇଥାନ୍ତି 'ଦାଦନ ଋତୁ'ରେ। ତେବେ ମହାରାଷ୍ଟ୍ର, ତାମିଲନାଡୁ, କର୍ଣ୍ଣାଟକ ଆଦି ରାଜ୍ୟକୁ ବିଭିନ୍ନ କାମ କରିବା ପାଇଁ ଯାଇଥାନ୍ତି ଜିଲାର ଅନେକ ଯୁବକ। ଏମାନଙ୍କ ଭିତରୁ ଅନେକଙ୍କ ପଞ୍ଜୀକରଣ କରାଯାଇନଥିବା ଜଣାପଡ଼ିଛି। ଗାଁ ପଞ୍ଚାୟତରୁ ଆରମ୍ଭ କରି ଜିଲା ପ୍ରଶାସନ, କେହି ମଧ୍ୟ ପୂର୍ବରୁ ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। କେଉଁମାନେ ପଞ୍ଚାୟତରୁ କାମ କରିବାକୁ ଗଲେ ତାର ହିସାବ ନାହିଁ। କରୋନା ଓ ତାଲା ବନ୍ଦ ନିଷ୍ପତ୍ତି ପରେ ରାଜ୍ୟ ବାହାରେ ଥିବା କିଛି ଯୁବକ ଚାଲିଚାଲି ନିଜ ଗାଁକୁ ଫେରିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ରାଜ୍ୟ ସରକାରଙ୍କ ସହାୟତା ନମ୍ବର ଦିଆଯାଇଥିଲା ସ୍ୱେଚ୍ଛାସେବୀ ସଂସ୍ଥା ଏଡ୍ ଇଟ୍ ଏକ୍ସନ ପକ୍ଷରୁ; କିନ୍ତୁ ଲ୍ୟାଣ୍ଡଲାଇନ୍ ନମ୍ବରରେ ରାଜ୍ୟ ବାହାରେ ରହିଯାଇଥିବା ଲୋକେ ଯୋଗାଯୋଗ କଲେ ବି କିଛି ଉତ୍ତର ପାଉ ନାହାନ୍ତି। ସରକାରଙ୍କ ଘୋଷଣା ସୀମିତ ହୋଇ ରହିଯାଇଛି।

ତାଲା ବନ୍ଦ ଅବଧି ମେ ୩ ତାରିଖ ଯାଏ ଜାରି ରହିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଛନ୍ତି। ତାଲାବନ୍ଦ ଉଠିବା ପରେ ପରିସ୍ଥିତି ଭୟଙ୍କର ହେବ ବୋଲି କହନ୍ତି ସ୍ୱେଚ୍ଛାସେବୀ ଶ୍ରୀ ବାରିକ। ତାଙ୍କ କହିବା ଅନୁସାରେ, ଇଟା ଗଢିବାକୁ ରାଜ୍ୟ ବାହାରକୁ ଯାଉଥିବା ଲକ୍ଷଲକ୍ଷ ଲୋକଙ୍କ ମଧ୍ୟରୁ ପ୍ରଶାସନ ପାଖରେ ପଞ୍ଜୀକରଣ ସଂଖ୍ୟା ଢେର କମ୍। କାମ ହରାଇବା ପରେ ରାଜ୍ୟ ବାହାରେ ଥିବା ଯୁବକମାନେ ଗାଁକୁ ଫେରିବାର ସମ୍ଭାବନା ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଏବେଠାରୁ ପ୍ରସ୍ତୁତି ଆରମ୍ଭ ହେବା କଥା; ଯାହାଦ୍ୱାରା ଗାଁକୁ ଫେରୁଥିବା ଶ୍ରମିକମାନଙ୍କ ପରିଚୟ, ଠିକଣା ଆଦି ସଂଗ୍ରହ କରାଯାଇପାରିବ। ସେପରି ହେଲେ ସେମାନେ କେଉଁଠୁ (ରେଡ୍ ଜୋନ୍, ଅରେଞ୍ଜ୍ ଜୋନ୍ କି ଗ୍ରୀନ ଜୋନ୍) ଆସିଛନ୍ତି ତାହା ଜଣାପଡ଼ନ୍ତା ବୋଲି କହିଛନ୍ତି ଶ୍ରୀ ବାରିକ। ଯଦି ଏହାକୁ କାର୍ଯ୍ୟକାରୀ କରା ନଯାଏ ତା'ହେଲେ ଆଗାମୀ ଦିନରେ ପଶ୍ଚିମ ଓଡ଼ିଶାର ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି ଭଳି ଜିଲା ପାଇଁ